# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 02nd September - 2026

****************************************

*Desk*

# ପି.ଏମ୍. - ଜଳଶକ୍ତି ସମ୍ମିଳନୀ

ନୂଆଦିଲ୍ଲୀରେ ଚାଲିଥିବା ଜଳଶକ୍ତି ମନ୍ତ୍ରଣାଳୟର ବିଭାଗୀୟ ଶିଖର ସମ୍ମିଳନୀକୁ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମ୍ବୋଧନ କରିବେ । ଦୁଇଦିନିଆ ଏହି ସମ୍ମିଳନୀ ଆଜି ଉଦ୍‌ଯାପିତ ହେବ । ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣ ଆଧାରିତ ସହଯୋଗୀ ସଂଘୀୟତାକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ପ୍ରଥମ ଥରପାଇଁ ଏହି ସମ୍ମିଳନୀ ଆୟୋଜିତ ହୋଇଛି । ଜଳ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ସମୟୋଚିତ କାର୍ଯ୍ୟାନ୍ୱୟନ, କ୍ୟାଚ୍ ଦି ରେନ୍ ଅଭିଯାନ, ପାନୀୟ ଜଳ ଉତ୍ସଗୁଡ଼ିକର ସୁରକ୍ଷା, ଦ୍ୱିତୀୟ ପର୍ଯ୍ୟାୟ ଜଳ ଜୀବନ ମିଶନ ଆଦି ୪ଟି ପ୍ରସଙ୍ଗ ଉପରେ ସମ୍ମିଳନୀରେ ଆଲୋଚନା ହେଉଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ମିଳନୀରେ ଆଜି ଯୋଗ ଦେବେ ।

*Desk*

# ଛତିଶଗଡ଼ ମୁଖ୍ୟ ବିଚାରପତି

ଓଡ଼ିଶା ହାଇକୋର୍ଟର ବିଚାରପତି ଜଷ୍ଟିସ୍ କୃଷ୍ଣରାମ ମହାପାତ୍ର' ଛତିଶଗଡ଼ ହାଇକୋର୍ଟର ମୁଖ୍ୟ ବିଚାରପତି ହେବେ । ସୁପ୍ରିମ୍‌କୋର୍ଟଙ୍କ କଲିଜିୟମ୍ ପକ୍ଷରୁ ଏ ସଂକ୍ରାନ୍ତ ସୁପାରିସ କରାଯାଇଛି । ଆସନ୍ତା ଶୁକ୍ରବାର ଦିନ ଛତିଶଗଡ଼ ହାଇକୋର୍ଟର ମୁଖ୍ୟ ବିଚାରପତି ଅବସର ଗ୍ରହଣ କରିବେ ।

*Desk*

# ବରିଷ୍ଠ ତୀର୍ଥଯାତ୍ରା ଯୋଜନା

ଚଳିତ ଆର୍ଥିକ ବର୍ଷର ରାଜ୍ୟର ପ୍ରଥମ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅଧୀନରେ ବାରାଣସୀ, ଅଯୋଧ୍ୟା ଅଭିମୁଖେ ଆଜି ଟ୍ରେନ୍ ଯୋଗେ ଯାତ୍ରା କରିବେ । ଭୁବନେଶ୍ୱର ନୂଆ ରେଳଷ୍ଟେସନଠାରୁ ପୂର୍ବାହ୍ନରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହି ଯାତ୍ରାର ଶୁଭାରମ୍ଭ କରିବେ ।

*Desk*

# ରାହୁରେଖା ଲାଗି ନୀତି

ଭାଦ୍ରବ କୃଷ୍ଣ ପଞ୍ଚମୀ ତିଥିରେ ଆଜି ପୁରୀ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କର ରାହୁରେଖା ଲାଗି ନୀତି ଅନୁଷ୍ଠିତ ହେବ। ଏହା ଏକ

ଗୁପ୍ତନୀତି ହୋଇଥିବାରୁ ପ୍ରଥମ ଭୋଗମଣ୍ଡପ ଭୋଗ ଶେଷ ହେବା ପରେ ଏହି ସ୍ୱତନ୍ତ୍ର ନୀତି କରାଯିବ। ଏ ନେଇ ଆଜି ଅପରାହ୍ନ ୨ଟା ୩୦ରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବା ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାରରର ଦୁଇଦିନିଆ ଅଳଙ୍କାର ଗଣତିମଣତି ଗତକାଲି ଶେଷ ହୋଇଛି । ପରବର୍ତ୍ତୀ ଗଣତି ମଣତି ନେଇ ସୂଚନା ପ୍ରଦାନ କରାଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ସୂଚନା ଦେଇଛନ୍ତି ।

***Desk***

# ନିଶାମୁକ୍ତ ଓଡ଼ିଶା

ନିଶାମୁକ୍ତ ଓଡ଼ିଶା ଗଠନ ସଙ୍କଳ୍ପକୁ ଅଧିକ ସଶକ୍ତ କରିବା ଲକ୍ଷ୍ୟ ନେଇ ଓଡ଼ିଶା ପୁଲିସ ପକ୍ଷରୁ ରାଜ୍ୟବ୍ୟାପୀ ବ୍ୟାପକ ସଚେତନତା ଅଭିଯାନ ଜାରି ରହିଛି । ନିଶାମୁକ୍ତ ଭାରତ ଅଭିଯାନ ଅଧୀନରେ ଗତମାସ ୧୫ରୁ ୩୧ ତାରିଖ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ୩୫ଟି ପୁଲିସ୍ ଜିଲ୍ଲାରେ ଏଥିନେଇ କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଯାଇଛି । ମୋଟ ୧ ହଜାର ୭୬୩ଟି ଶିକ୍ଷାନୁଷ୍ଠାନରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ୨ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ।

***Desk***

# ଇଗ୍ନୁ ନାମଲେଖା

ଇନ୍ଦିରାଗାନ୍ଧି ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟରେ ବିଭିନ୍ନ ପାଠ୍ୟକ୍ରମପାଇଁ ଜୁଲାଇ ଶିକ୍ଷାବର୍ଷର ନାମଲେଖା ଅବଧି ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଏହି ସମୟସୀମା ମଧ୍ୟରେ ପୁନଃ ନାମଲେଖା ପଞ୍ଜୀକରଣ ପ୍ରକ୍ରିୟା ମଧ୍ୟ କରାଯିବ । ଇଗ୍ନୁ ୱେବ୍‌ସାଇଟ୍‌ରେ ନାମଲେଖା ସଂକ୍ରାନ୍ତ ସମସ୍ତ ତଥ୍ୟ ଉପଲବ୍ଧ ରହିଥିବା ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦେଇଛନ୍ତି ।

***Dhenkanal/R***

# ଖାଦ୍ୟ ସୁରକ୍ଷା ଯାଞ୍ଚ୍

ଢେଙ୍କାନାଳ ସହରର ବିଭିନ୍ନ ଅଞ୍ଚଳରେ ଥିବା ହୋଟେଲ୍, ରେଷ୍ଟୁରାଣ୍ଟ ଏବଂ ମିଠା ଦୋକାନଗୁଡ଼ିକରେ ଖାଦ୍ୟ ସୁରକ୍ଷା ଯାଞ୍ଚ୍ ଅନୁଷ୍ଠିତ ହୋଇଯାଇଛି । ପ୍ରାୟ ୧୫୦ କିଲୋଗ୍ରାମ୍ ବାସିଖାଦ୍ୟ ଓ କୃତ୍ରିମ ରଙ୍ଗ ବ୍ୟବହୃତ ଖାଦ୍ୟ ଯାଞ୍ଚ୍ ସମୟରେ ନଷ୍ଟ କରାଯାଇଛି । ନିୟମ ଉଲ୍ଲଙ୍ଘନ କରିଥିବା ୧୦ଟି ଖାଦ୍ୟ ବ୍ୟବସାୟ ପ୍ରତିଷ୍ଠାନଠାରୁ ୨ ଲକ୍ଷ ୧୦ ହଜାର ଟଙ୍କା ଜରିମାନା ବାବଦରେ ଆଦାୟ କରାଯାଇଛି ।

***Desk***

# ବିଶ୍ୱ ନଡ଼ିଆ ଦିବସ

ନଡ଼ିଆ ଉତ୍ପାଦନକୁ ପ୍ରୋତ୍ସାହିତ କରିବା ତଥା ସମାଜରେ ଏହାର ଆର୍ଥିକ ଏବଂ ସ୍ୱାସ୍ଥ୍ୟଗତ ଲାଭ ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ବିଶ୍ୱ ନଡ଼ିଆ ଦିବସ ପାଳନ କରାଯାଉଛି । ଚଳିତ ବର୍ଷ ଏହି ଦିବସର ବିଷୟବସ୍ତୁ ରହିଛି 'ଅନିଶ୍ଚିତତା ସମୟରେ ନଡ଼ିଆ : ଖାଦ୍ୟ, ଶକ୍ତି ଓ ଜୀବିକାର ସୁରକ୍ଷା' । ଏକ ଉଷ୍ଣମଣ୍ଡଳୀୟ ଲାଭକରୀ ଫସଲ ଭାବେ ନଡିଆର ଉତ୍ପତ୍ତି ଦକ୍ଷିଣପୂର୍ବ ଏସିଆ ମହାଦେଶରେ ହୋଇଥିବାର ଅନୁମାନ କରାଯାଇଛି ।

***Nabarangpur/R***

# ଇନ୍ଦ୍ରାବତୀ ଜଳସ୍ତର

ନବରଙ୍ଗପୁର ଜିଲ୍ଲା ଇନ୍ଦ୍ରାବତୀ ଜଳଭଣ୍ଡାରରେ ବୃଦ୍ଧି ପାଉଥିବା ଜଳସ୍ତରକୁ ଦୃଷ୍ଟିରେ ରଖି ଯେକୌଣସି ସମୟରେ ଗେଟ୍ ଖୋଲାଯାଇ ଜଳ ନିଷ୍କାସନ କରାଯିବ । ଏଥିପାଇଁ ନଦୀତଳିଆ ଅଞ୍ଚଳରେ ରହୁଥିବା ଜନସାଧାରଣଙ୍କୁ ସଚେତନ କରାଯାଉଛି । ନବରଙ୍ଗପୁର ଜିଲ୍ଲାରେ ତେନ୍ତୁଳିଖୁଣ୍ଟି, ନବରଙ୍ଗପୁର ଏବଂ ନନ୍ଦାହାଣ୍ଡି ବ୍ଲକ୍‌ରେ ଜଳସେଚନ ବିଭାଗ ପକ୍ଷରୁ ପ୍ରଚାର କାର୍ଯ୍ୟ ଜାରି ରହିଛି । ଜିଲ୍ଲା ପ୍ରଶାସନ ପକ୍ଷରୁ କୋରାପୁଟ, ମାଲକାନଗିରି, ଛତିଶଗଡ଼ର ଜଗଦଳପୁର ଏବଂ ଦନ୍ତେୱାଡ଼ା ଜିଲ୍ଲା ପ୍ରଶାସନକୁ ଚିଠି ମାଧ୍ୟମରେ ସୂଚନା ପ୍ରଦାନ କରାଯାଇଛି । ଆଜି ସକାଳ ୬ଟା ସୁଦ୍ଧା

ଇନ୍ଦ୍ରାବତୀ ଜଳଭଣ୍ଡାରରର ଜଳସ୍ତର ୬୩୯ ଦଶମିକ ୭/୯ ମିଟର ରହିଛି । ଜଳଭଣ୍ଡାରର ସର୍ବାଧିକ ଜଳଧାରଣ କ୍ଷମତା ହେଉଛି ୬୪୨ ମିଟର ।

*****